**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**18 March – 2025**

## ରାଷ୍ଟ୍ରପତିଙ୍କ ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଆସନ୍ତା ୨୪ ତାରିଖରେ ନୟାଗଡ଼ ସ୍ଥିତ ପ୍ରଭୁ କଣ୍ଟିଲୋ ଶ୍ରୀନୀଳମାଧବଙ୍କୁ ଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି । ଏହା ସହିତ ଶବର ରାଜା ବିଶ୍ୱାବସୁ ଓ ଲଳିତାଙ୍କ ଜନ୍ମମାଟି ପରିଦର୍ଶନ କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତିଙ୍କ ଗସ୍ତର ଦ୍ୱିତୀୟ ଦିନରେ ୨୫ ତାରିଖ ଦିନ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେବା ସହିତ ଅନ୍ୟ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ ବୋଲି ଜଣାପଡ଼ିଛି ।

## ନିଯୁକ୍ତ ମେଳା

ରାଜ୍ୟ ସରକାର ଆଜି ୮୧୨ ଜଣ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ । ଭୁବନେଶ୍ୱର ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ନୂଆ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର ମେଳାରେ ନବନିଯୁକ୍ତଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଯୁକ୍ତିପତ୍ର ପ୍ରଦାନ କରିବେ । ସୂଚନା ଅନୁଯାୟୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ୪୪୨ଜଣ, ଇସ୍ପାତ ଓ ଖଣି ବିଭାଗରେ ୧୮୯, ଶକ୍ତି ବିଭାଗରେ ୪୮ଜଣ, କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ୩୩ଜଣ ଏବଂ ଜଳସମ୍ପଦ ବିଭାଗ ନିମନ୍ତେ ୧୨ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯିବ ।

# ବିଦ୍ୟାଳୟ ପ୍ରବେଶ ଉତ୍ସବ

ନୂତନ ଜାତୀୟ ଶିକ୍ଷାନୀତି ଅନୁଯାୟୀ ଆସନ୍ତା ଏପ୍ରିଲ୍ ୨ ତାରିଖରେ ରାଜ୍ୟର ସମସ୍ତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପ୍ରଥମଥର ପାଇଁ ଖୋଲିଥିବା ଶିଶୁବାଟିକାରେ ୫ ବର୍ଷରୁ ଅଧିକ ବୟସର ପିଲାମାନେ ନାମ ଲେଖାଇବେ । ଆଜିଠାରୁ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ନିମନ୍ତ୍ରଣପତ୍ର ବଣ୍ଟନ କରାଯିବା ନେଇ ସମସ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଶିଶୁବାଟିକା ଛାତ୍ରଛାତ୍ରୀଙ୍କୁ ସ୍କୁଲ୍ ବ୍ୟାଗ୍ ଓ ଶିକ୍ଷଣ ସାମଗ୍ରୀ ଯୋଗାଇ ଦିଆଯିବା ସହ ପ୍ରତ୍ୟେକ ବିଦ୍ୟାଳୟକୁ ଯାଦୁପେଡ଼ି କିଟ୍ ପ୍ରଦାନ କରାଯିବ ।

# ଆର୍‌ଟିଇ ନାମଲେଖା

ରାଜ୍ୟର ଘରୋଇ ବିଦ୍ୟାଳୟରେ ଶିକ୍ଷା ଅଧିକାର ଆଇନ୍ ଅଧୀନରେ ଆଜିଠାରୁ ନାମଲେଖା ଆରମ୍ଭ ହେବ । ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶିତ ସଂଶୋଧିତ ବିଜ୍ଞପ୍ତି ଅନୁଯାୟୀ ଏପ୍ରିଲ ମାସ ୨୦ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ନାମଲେଖା ପଞ୍ଜିକରଣ ଜାରି ରହିବ । ଏପ୍ରିଲ ୩ ତାରିଖରୁ ୨୩ ତାରିଖ ମଧ୍ୟରେ ବ୍ଲକ ଶିକ୍ଷାଧିକାରୀମାନେ ଯାଞ୍ଚ ପ୍ରକ୍ରିୟା ଶେଷ କରିବା ପରେ ୨୪ତାରିଖରେ ଚୂଡାନ୍ତ ମେଧାତାଲିକା ପ୍ରକାଶ ପାଇବ ।

# ଚୈତ୍ରପର୍ବ

ଦକ୍ଷିଣ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା'ତାରାତାରିଣୀଙ୍କ ଚୈତ୍ରପର୍ବ ଆଜିଠାରୁ ଆରମ୍ଭ ହୋଇଛି । ସକାଳ ପ୍ରହରରେ ମା'ଙ୍କ ଦୁଆରଫିଟା, ଅବକାଶ ନୀତି ଓ ମଙ୍ଗଳ ଆଳତୀ ପରେ ଶ୍ରଦ୍ଧାଳୁମାନଙ୍କୁ ମା' ତାରାତାରିଣୀ ମହାକାଳୀ ବେଶରେ ଦର୍ଶନ ଦେଉଛନ୍ତି । ମନ୍ଦିର ଓ ପୋଲିସ୍ ପ୍ରଶାସନ ପକ୍ଷରୁ ଚୈତ୍ର ପର୍ବ ଲାଗି ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି । ଏ ସଂପର୍କରେ ତାରାତାରିଣୀ ପୀଠର ମୁଖ୍ୟ ପୂଜକ ବାବୁଜୀ ରଣା କହିଛନ୍ତି : **V/O**

# ଭୋଟର ତାଲିକା-ପ୍ରସ୍ତୁତି ବୈଠକ

ଢେଙ୍କାନାଳ ଜିଲ୍ଲାରେ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ନେଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗତକାଲି ବୈଠକ ଅନୁଷ୍ଠିତ ହୋଇଯାଇଛି । ଭୋଟର ତାଲିକାରେ ନାମ ସଂଯୋଗ ଏବଂ ବାଦ୍ ଦେବା ଓ ସଂଶୋଧନ ନିମନ୍ତେ ପ୍ରତି ବୁଥ୍‌ରେ ବିଭିନ୍ନ ରାଜନୈତିକ ଦଳର ଏଜେଣ୍ଟ ନିଯୁକ୍ତ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି ।

# ସୁନିତା ୱିଲିୟମ୍‌ଙ୍କ ପ୍ରତ୍ୟାବର୍ତ୍ତନ

ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ୯ ମାସରୁ ଅଧିକ ସମୟ ଅଟକି ରହିଥିବା ଭାରତୀୟ-ଆମେରିକୀୟ ମହାକାଶଚାରୀ ସୁନୀତା ୱିଲିୟମ୍‌ସ

ଏବଂ ବୁଚ୍ ଓ୍ୱିଲୋର୍ ପୃଥିବୀ ପୃଷ୍ଠକୁ ଆଜି ଫେରିବା ନେଇ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା-ନାସା ପକ୍ଷରୁ କୁହାଯାଇଛି । ଏହି ଦୁଇ ମହାକାଶଚାରୀ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରୁ ବାହାରି ପୃଥିବୀକୁ ଭାରତୀୟ ସମୟ ଅନୁସାରେ ପୂର୍ବାହ୍ନ ୧୦ଟା ୩୫ ମିନିଟ୍‌ରେ ଯାତ୍ରା ଆରମ୍ଭ କରିବେ । ଭାରତୀୟ ସମୟ ଅନୁସାରେ ୧୭ ଘଣ୍ଟା ଯାତ୍ରା କରି ଆସନ୍ତାକାଲି ଭୋର୍ ୩ଟା ୨୭ ମିନିଟ୍‌ରେ ଆମେରିକାର ଫ୍ଲୋରିଡା ସମୁଦ୍ର ଉପକୂଳରେ  ଅବତରଣ କରିବେ ବୋଲି ନାସା ପକ୍ଷରୁ କୁହାଯାଇଛି । ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଟେଲିଭିଜନ, ନାସାର ଅଫିସିଆଲ୍ ଓ୍ୱେବ୍‌ସାଇଟ୍, ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ ।

## ହକି

ଜାତୀୟ ମହିଳା ହକି ଲିଗ୍‌ର ଶେଷ ପର୍ଯ୍ୟାୟ ମ୍ୟାଚ୍ ଆଜିଠାରୁ ରାଞ୍ଚିସ୍ଥିତ ଜୟପାଲ ସିଂ ଆଷ୍ଟ୍ରୋଟର୍ଫ ହକି ଷ୍ଟାଡିୟମ୍‌ରେ ଆରମ୍ଭ ହେବ । ବେଙ୍ଗଲ ବିପକ୍ଷରେ ମ୍ୟାଚ୍ ଖେଳି ଓଡ଼ିଶା ଆଜି ଅଭିଯାନ ଆରମ୍ଭ କରିବ । ଚଳିତ ମାସ ୨୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୮ଟି ଦଳ ଭାଗ ନେଉଛନ୍ତି ।

## ତାପମାତ୍ରା

ରାଜ୍ୟରେ ତାପମାତ୍ରା କ୍ରମାଗତ ଭାବେ ଗତ ଏକସପ୍ତାହ ଧରି ବୃଦ୍ଧି ପାଉଛି ।  ଲଗାତାର ଭାବେ ଗତକାଲି ତୃତୀୟ ଦିନରେ ବୌଦ୍ଧ ଦେଶର

ଉତ୍ତପ୍ତ ସହର ଥିଲା । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଗତକାଲି ବୌଦ୍ଧରେ  ତାପମାତ୍ରା ୪୩ ଦଶମିକ ୫ ଡିଗ୍ରୀ ସେଲସିୟସ ଥିଲା। ଅନୁରୂପ ଭାବେ ବରଗଡ଼ ମଧ୍ୟ ଦେଶର ଦ୍ୱିତୀୟ ଉତ୍ତପ୍ତ ସ୍ଥାନ ସହିତ ୪୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିଲା । ସୂଚନା ଅନୁସାରେ  ଝାରସୁଗୁଡ଼ା, ବୌଦ୍ଧ, ବଲାଙ୍ଗୀର, ସୁନ୍ଦରଗଡ଼, ଅନୁଗୁଳ ଓ କଳାହାଣ୍ଡି ଜିଲ୍ଲାରେ ଆଜି ଗ୍ରୀଷ୍ମ ପ୍ରବାହ ଜାରି ରହିବ ।  ଆସନ୍ତାକାଲିଠାରୁ ପାଗରେ ସାମାନ୍ୟ ପରିବର୍ତ୍ତନର ସମ୍ଭାବନା ଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ଅନ୍ୟପକ୍ଷରେ ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆର ତଥ୍ୟ ଅନୁସାରେ ଗତ ରବିବାର ଦିନ ରାଜ୍ୟର ୧୭୮୧ଟି ଜଙ୍ଗଲରେ ନିଆଁ ଲାଗିଥିଲା ।